No. of Printed Pages : 24

# FST-01(ORIYA)

# Bachelor Degree Programme (BDP)

## Term End Examination, June, 2025

## FOUNDATION COURSE IN SCIENCE & TECHNOLOGY

*Time : 3 Hours* *Maximum Marks : 100*

ମୁଦ୍ରଣ ପୃଷ୍ଠା ସଂଖ୍ୟା : 24

FST-01(ORIYA)

## ବାଚ୍‌ଲୋର୍ ଡିଗ୍ରୀ ପ୍ରୋଗ୍ରାମ୍ (BDP)

## ଟର୍ମ-ସମାପ୍ତି ପରୀକ୍ଷା ଜୁନ, 2025

## କଳା ଏବଂ ସାମାଜିକ ବିଜ୍ଞାନରେ ଫାଉଣ୍ଡେସନ୍ କୋର୍ସ

*ସମୟ : 3 ଘଣ୍ଟା* *ସର୍ବାଧିକ ମାର୍କ : 100*

---

### ସାଧାରଣ ନିର୍ଦ୍ଦେଶାବଳୀ

1. ସମସ୍ତ ପ୍ରଶ୍ନଗୁଡିକ ବାଧ୍ୟତାମୂଳକ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ *1* ।
2. ପରୀକ୍ଷାହଲ୍ ଭିତରକୁ ସେଲ୍ ଫୋନ୍, କାଲ୍‌କୁଲେଟର୍, ବୁକ୍, ସ୍ଲାଇଡ୍ ରୁଲ୍‌ସ୍, ନୋଟ୍‌ବୁକ୍ କିମ୍ବା ଲେଖାଥିବା ନୋଟ୍ ଇତ୍ୟାଦି କିଛି ନିଆଯିବାର ଅନୁମତି ନାହିଁ ।
3. ପରୀକ୍ଷା ସ୍ଥଳରେ କେନ୍ଦ୍ରୀୟ ସୁପରିଟେଣ୍ଡେଣ୍ଟଙ୍କ ଏବଂ ନିରିକ୍ଷକଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶାବଳୀ ଅନୁସରଣ କରିବା ଉଚିତ୍ । ଯଦି ଆପଣ ନିର୍ଦ୍ଦେଶାବଳୀର ଅବମାନନା କଲେ, ଆପଣଙ୍କୁ ଅଣଯୋଗ୍ୟତାପ୍ରାପ୍ତ କରାଯିବ ।
4. କୌଣସି ପରୀକ୍ଷାର୍ଥୀ ପରୀକ୍ଷାରେ କପି କରିବା, କପି ନେବା କିମ୍ବା ଗ୍ରହଣ କରିବାରେ ସହାୟତା କରିବାରେ ଦେଖାଦେଲେ ତାଙ୍କୁ ଯୋଗ୍ୟତା ସଂପନ୍ନ କରାଯିବ ନାହିଁ ।

5. ପ୍ରଶ୍ନ ପତ୍ର ଏବଂ **OMR** ଉତ୍ତର ସିଟ୍ (ଉତ୍ତର ପତ୍ରିକା) ଆପଣଙ୍କୁ ନିରିକ୍ଷକଙ୍କ ଦ୍ୱାରା ଦିଆଯିବ । ପରୀକ୍ଷା ଶେଷ ହେବା କ୍ଷଣି, ପରୀକ୍ଷା ହଲ୍ ଛାଡିବା ପୂର୍ବରୁ ଆପଣ **OMR** ଉତ୍ତର ସିଟ୍‌କୁ ନିରିକ୍ଷକଙ୍କୁ ପ୍ରଦାନ କରିବେ । **OMR** ଉତ୍ତର ସିଟ୍ ପ୍ରଦାନ କରି ନଥିବା କୌଣସି ପରୀକ୍ଷାର୍ଥୀଙ୍କୁ ଯୋଗ୍ୟତା ସଂପନ୍ନ କରାଯିବ ନାହିଁ ଏବଂ ୟୁନିଭରସିଟି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଜାରି ରଖିବ ।

6. ସମସ୍ତ ରଫ୍ କାର୍ଯ୍ୟ ପ୍ରଶ୍ନ ପତ୍ର ଉପରେ ହିଁ କରାଯିବ ଏବଂ ଅନ୍ୟ କୌଣସି କାଗଜ ଉପରେ ନୁହେଁ । ସ୍କ୍ରାପ୍ ପେପର୍ ନେବାର ଅନୁମତି ନାହିଁ ।ଉତ୍ତର ବାହାର କରିବା ପାଇଁ ଆପଣ ମାର୍ଜିନ୍‌ରେ କାର୍ଯ୍ୟ କରିପାରିବେ, କିଛି ଚିହ୍ନ ହେଇ କିମ୍ବା ତଳେ ଗାର ଦେଇ ଟେଷ୍ଟ ବୁକ୍‌ଲେଟ୍‌ରେ କରିପାରନ୍ତି ।

7. ଯେ କୌଣସି ପରୀକ୍ଷାର୍ଥୀ କୌଣସି ପ୍ରକାର ତ୍ରୁଟିପୂର୍ଣ୍ଣ କାର୍ଯ୍ୟକଲେ କିମ୍ବା କୌଣସି ପ୍ରକାର ଭୁଲ୍ ମାଧ୍ୟମର ପ୍ରୟୋଗ କଲେ ସେମାନଙ୍କର ଫଳାଫଳକୁ ରଦ୍ଦ କରିଦେବାର ଅଧିକାର ୟୁନିଭରସିଟି ଉପରେ ଅଧିକାର ସଂରକ୍ଷିତ ଅଛି । ଆଉ ମଧ୍ୟ ୟୁନିଭରସିଟି ସମସ୍ତ ପରୀକ୍ଷାର୍ଥୀଙ୍କ ସ୍କୋର୍ ସମାନ ଭାବରେ ବୈଧତା ଯାଞ୍ଚ କରିବାର ପ୍ରଣାଳୀ ଅବଲମ୍ବନ କରିପାରିବେ । ଯଦି କୌଣସି ପ୍ରକାର ସନ୍ଦେହର ସଂକେତ ଦେଖାଦେଲେ ଆପଣ ପରଫରମାନ୍ସ୍ ଜେନ୍ୟୁଇନ୍ ବୋଲି ମାନି ନିଆଯିବ ନାହିଁ । ୟୁନିଭରସିଟି ଆପଣ ଫଳାଫଳକୁ ବାତିଲ୍ କରିପାରନ୍ତି ।

## OMR (ଓଏମ୍ଆର୍) ଉତ୍ତର ସିଟ୍ ଉପରେ କିପରି ସୂଚନା ପୂରଣ କରିବାକୁ ହେବ
## (ପରୀକ୍ଷା ଉତ୍ତର ସିଟ୍)

1. ଆପଣଙ୍କର ପୁରା ୨ ଅକ୍ଷର ବିଶିଷ୍ଟ ନାମାଙ୍କନ ନମ୍ବର ଲେଖନ୍ତୁ । OMR ଉତ୍ତର ସିଟ୍ ଆପଣଙ୍କ ଦ୍ୱାରା ଦିଆଯାଇଥିବା ନାମାଙ୍କନ ନମ୍ବରକୁ ସଠିକ୍ ବୋଲି ଧରି ନିଆଯିବ । ଆଉ ଆପଣଙ୍କ ସଠିକ ନାମ, ଠିକଣା ପିନ୍ ସହିତ ଦିଆଯାଇଥିବା ସ୍ଥାନରେ ଲେଖନ୍ତୁ ।ତାରିଖ ସହ ଆପଣ OMR (ଓଏମ୍ଆର୍) ଉତ୍ତର ସିଟ୍ ଉପରେ ଦସ୍ତଖତ କରନ୍ତୁ । ସୁନିଶ୍ଚିତ ହୁଅନ୍ତୁ ଯେ, ଆପଣଙ୍କ ପରୀକ୍ଷା ହଲ୍‌ର ନିରିକ୍ଷକ ତାରିକ ସହ ତାଙ୍କ ଦସ୍ତଖତ OMR ଉତ୍ତର ସିଟ୍ ଉପରେ ଦିଆଯାଇଥିବା ସ୍ଥାନରେ ଦେଇଛନ୍ତି ।
2. OMR (ଓଏମ୍ଆର୍) ଉତ୍ତର ସିଟ୍ ଉପରେ ଛାତ୍ରଛାତ୍ରୀମାନଙ୍କ ବିବରଣୀ ବ୍ଲୁ/ବ୍ଲାକ୍ ବଲ୍ ପେନ୍‌ରେ ହିଁ ପୂରଣ କରିବେ । ନାମାଙ୍କନ ନମ୍ବର ଏବଂ ପରୀକ୍ଷା କେନ୍ଦ୍ର କୋଡ୍ ସହିତ ପ୍ରଶ୍ନର ବିପରିତ ପାଖରେ ଦିଆଯାଇଥିବା ସଠିକ୍ ଉତ୍ତର ହେତୁ ସେଠାରେ ଥିବା ବୃତ୍ତରେ ବ୍ଲାକେନିଙ୍ଗ୍ କରିବା ପାଇଁ ବ୍ଲୁ/ବ୍ଲାକ୍ ବଲ୍ ପେନ୍ ହିଁ ବ୍ୟବହାର କରିବେ ।
3. ଏହି ସିଟ୍ କୌଣସି ପ୍ରକାର ଗାର ମାରନ୍ତୁ ନାହିଁ ।
4. ନାମାଙ୍କନ ନମ୍ବର ଏବଂ ପରୀକ୍ଷା କେନ୍ଦ୍ର କୋଡ୍ କଲମ୍‌ରେ ସଠିକ୍ ସୂଚନା ସାଙ୍ଖିକ ଭାବରେ ଲେଖନ୍ତୁ । ତା ସହିତ ଦିଆଯାଇଥିବା ବୃତ୍ତଟି ଗାଢ଼ା କଳା ଏବଂ ସଂପୂର୍ଣ୍ଣ ଭାବରେ ପୂରଣ ହୋଇଥିବା ଆବଶ୍ୟକ ।
5. ପ୍ରତ୍ୟେକ ପ୍ରଶ୍ନର ସମ୍ଭାବିତ ଉତ୍ତରଟି ଆପଣ ଚାରୋଟି ସଂଖ୍ୟା (1), (2), (3) ଏବଂ (4) ହିସାବରେ ଲେଖିବେ । ଆପଣ ପ୍ରତି ପ୍ରଶ୍ନ ପାଇଁ କେବଳ ଗୋଟିଏ ମାତ୍ର ଉତ୍ତର ଦେବେ ଯେଉଁଟିକୁ ଆପଣ ସବୁଠାରୁ ସଠିକ୍ ବୋଲି ଭାବିବେ । ସବୁଠାରୁ ଉପଯୁକ୍ତ ଉତ୍ତରଟି ଚୟନ କରନ୍ତୁ । ତାପରେ ବ୍ଲୁ/ବ୍ଲାକ୍ ବଲ୍ ପେନ୍ ବ୍ୟବହାର କରି ପ୍ରଶ୍ନର ଅନ୍ୟ ପାଖରେ ଥିବା ନମ୍ବର ଉପରେ ସଠିକ୍ ନମ୍ବର ଲେଖି ବୃତ୍ତକୁ ଗାଢ଼ା କଳା ରଙ୍ଗ କରିଦିଅନ୍ତୁ । ଯଦି ଆପଣ ତାହାର ଉତ୍ତର ମଧ୍ୟରୁ କେଉଁଟିକୁ ମଧ୍ୟ ପାଇଲେ ନାହିଁ ତେବେ ଆପଣ **'0'** ଲେଖି ବୃତ୍ତଟି ଗାଢ଼ା କରି ଦିଅନ୍ତୁ ।
6. ଗୋଟିଏ ପ୍ରଶ୍ନ ପାଇଁ ଏକାଧିକ ଉତ୍ତର ମାନ୍ୟ ହେବ ନାହିଁ । ତେଣୁ ଆପଣ ସବୁଠାରୁ ଉପଯୁକ୍ତ ଥିବା ସଂଖ୍ୟାଟି ଲେଖିବା ପାଇଁ ଚୟନ କରିବା ଉଚିତ୍ ।
7. ଗୋଟିଏ ପ୍ରଶ୍ନ ପାଇଁ ଆପଣ ଅଧିକ ସମୟ ଖର୍ଚ୍ଚ କରିବା ଉଚିତ୍ ନୁହେଁ । ଯଦି ଆପଣ କୌଣସି ସ୍ୱତନ୍ତ୍ର ପ୍ରଶ୍ନଟି କଠିନ ବୋଲି ମନେହୁଏ, ତେବେ ସେହିଟିକୁ ଛାଡି ପରବର୍ତ୍ତୀ ପ୍ରତି ଧ୍ୟାନ ଦେବା ଉଚିତ୍ । ସମସ୍ତ ପ୍ରଶ୍ନର ଉତ୍ତର ଦେଇ ସାରିବା ପରେ ଯଦି ସମୟ ବଳକା ରହେ, ତେବେ ଆପଣ ଉତ୍ତର ଦେଇ ନଥିବା ପ୍ରଶ୍ନଗୁଡିକ ଆଡକୁ ଯାଇପାରନ୍ତି ।
8. ଭୁଲ୍ ଉତ୍ତର ପାଇଁ ନେଗେଟିଭ୍ ମାର୍କିଙ୍ଗ୍ ନାହିଁ ।

1. ମହାକାଶୀୟ ଆଲୋକର ସଂଗ୍ରହ ଏବଂ ବିଶ୍ଳେଷଣ ପ୍ରଣାଳୀ ହେଉଛି :

(1) ରାଡିଓ ଜ୍ୟୋର୍ତିବିଜ୍ଞାନ (2) ଅପଟିକାଲ୍ ଜ୍ୟୋର୍ତିବିଜ୍ଞାନ

(3) ମହାକାଶ ପ୍ରବଧିବିଜ୍ଞାନ (4) ବିଶ୍ୱତତ୍ତ୍ୱ ବିଜ୍ଞାନ

2. ଇନ୍‌ଫ୍ରାରେଡ୍ ବିକିରଣ ----- ବସ୍ତୁ ଦ୍ୱାରା ଉତ୍ପାଦିତ

(1) ଗରମ (2) ଥଣ୍ଡା

(3) ବରଫିକୃତ (4) ଉଭୟ (1) ଏବଂ (2)

3. ତରଙ୍ଗଲମ୍ବ ର ଉପଯୁକ୍ତ ଇଲେକ୍‌ଟ୍ରୋମ୍ୟାଗ୍‌ନେଟିକ୍ ସ୍ପେକ୍‌ଟ୍ରମ୍ ଅର୍ଡର୍ ଚୟନ କରନ୍ତୁ :-

(1) X- ରେ - ରାଡିଓତରଙ୍ଗ - ଇନ୍‌ଫ୍ରାରେଡ୍ - UV - ଗାମା ରେ

(2) ଇନ୍‌ଫ୍ରାରେଡ୍ - X- ରେ- ରାଡିଓତରଙ୍ଗ - UV- ଗାମା ରେ

(3) ରାଡିଓତରଙ୍ଗ - ଇନ୍‌ଫ୍ରାରେଡ୍ - UV- X- ରେ - ଗାମା ରେ

(4) ରାଡିଓତରଙ୍ଗ - UV- ଇନ୍‌ଫ୍ରାରେଡ୍ - X - ରେ - ଗାମା ରେ

4. ମହାକାଶୀୟ ଦୂରତା ମାପ କରିବାର ଏକକ ହେଉଛି

(1) ସୌର ବର୍ଷ (2) ମହାକାଶୀୟ ବର୍ଷ

(3) ଆଲୋକ ବର୍ଷ (4) ତାରକା ବର୍ଷ

5. ମିଲ୍‌କି ୱେ ତାରକାପୁଞ୍ଜ ବିଶ୍ୱବ୍ରହ୍ମାଣରେ ----- ତାରକାପୁଞ୍ଜମାନଙ୍କ ମଧ୍ୟରୁ ଗୋଟିଏ

(1) ହଜାର (2) ନିୟୁତ

(3) ବିଲିୟନ (4) ଟ୍ରିଲିୟନ

6. ସୂର୍ଯ୍ୟ ------- ଗ୍ୟାସ୍‌ରୁ ଶକ୍ତି ପ୍ରାପ୍ତ କରିଥାଏ

(1) ଯବକ୍ଷାରଜାନ ଏବଂ ମିଥେନ୍

(2) ଉଦ୍‌ଜାନ ଏବଂ ଯବକ୍ଷାରଜାନ

(3) ଉଦ୍‌ଜାନ ଏବଂ ହିମିୟମ୍

(4) ହିମିୟମ୍ ଏବଂ ମିଥେନ୍

7. ମିଲର ଦର୍ଶାଇଥିଲେ ଯେ, ------ ସୃଷ୍ଟି କରିବା ପାଇଁ ଧରାପୃଷ୍ଠରେ ଜନଜୀବନ ସୃଷ୍ଟି ହେବା ପୂର୍ବରୁ ସୃଷ୍ଟି ହୋଇଥିବା ପରିସ୍ଥିତି ଆଉ ଥରେ ସୃଷ୍ଟି କରାଯାଇପାରିବ ।

(1) ଆମିନୋ ଏସିଡ୍

(2) ଆଣବିକ ଏସିଡ୍

(3) କାର୍ବୋହାଇଡ୍ରେଟ୍‌ସ୍

(4) ଲିପିଡ୍

8. ------ ପ୍ରଜନନ ପଦ୍ଧତିରେ, କ୍ରୋମୋଜମ୍ ପରିମାଣ ଅଧା କମ୍ କରି ଗାମେଟ୍ ସୃଷ୍ଟି କରାଯାଇଥାଏ

(1) ଅଣଲିଙ୍ଗୀୟ

(2) ଲିଙ୍ଗୀୟ

(3) ବଡିଙ୍ଗ୍

(4) ବାଇନାରୀ ଫିଜନ୍

9. ଆଣ୍ଟି-ଡ୍ୟୁରେଟିକ୍ ହର୍ମୋନ୍, ଯାହା ଏକ ଫୋରବ୍ରେନ୍‌ର ଉତ୍ପାଦ ଜଳ ------- ର ଚାର୍ଜରେ ରହିଥାଏ ।

(1) କ୍ଷୟ

(2) ଏକତ୍ରିକରଣ

(3) ଅବଶୋଷଣ

(4) ଲଘୁକରଣ

10. ଡାରୱିନ୍‌ଙ୍କର ଜଣାଶୁଣା ମତବାଦ ହେଉଛି :

(1) ବଞ୍ଚି ରହିବାର ସଂଘର୍ଷ

(2) ପ୍ରାକୃତିକ ଚୟନ

(3) ବଞ୍ଚିରହିବାର ଯୋଗ୍ୟ ହିଁ ବଞ୍ଚିବା

(4) କ୍ରମ-ବିକାଶମୂଳ ଉତ୍ତରାଧିକାର

11. ନିମ୍ନଲିଖିତ ମଧ୍ୟରୁ କେଉଁ ଅଷ୍ଟ୍ରାଲୋପିଥେକସ୍ ଜୀବାଶ୍ମକ ସ୍ପେସିସ୍ ବର୍ତ୍ତମାନର ମାନବ ସହିତ ସବୁଠାରୁ ସମାନ ପ୍ରକାରକ ଅଟେ ?

(1) *ହୋମୋ ହାବିଲିସ୍*

(2) *ରାମାପିଥେକସ୍*

(3) *ହୋମୋ ସାପିଅନ୍*

(4) *ହୋମୋ ଇରେକ୍ଟସ୍*

12. ଆମେ ରେଡିଓକାର୍ବନ୍ ଡେଟିଙ୍ଗ୍ ----- କୁ/ପାଇଁ ବ୍ୟବହାର କରିପାରିବା

(1) ବର୍ଗୀକରଣ

(2) ବୟସ ନିର୍ଦ୍ଧାରଣ

(3) ଆକାର ନିର୍ଦ୍ଧାରଣ

(4) ଉତ୍ପତ୍ତି-ସୂତ୍ର ଚିହ୍ନଟ

13. -------- ର ବୟସ ଗଣନା ରେଡିଓ ଆକ୍ଟିଭ୍ ଆଇସୋଟପ୍ ଯେଉଁ ହାରରେ ଅଣ-ରେଡିଓ ଆକ୍ଟିଭ୍ ରୂପରେ କ୍ଷୟ ହୋଇଥାଏ ତାହା ଉପରେ ନିର୍ଭର କରେ ।

(1) ପ୍ରସ୍ତର

(2) ତାରକା

(3) ଗ୍ରହ

(4) କ୍ଷୁଦ୍ରଗ୍ରହ

14. ପୁରାତନ ସମାଜରେ ପ୍ରଭାବଶୀଳ ସାମାଜିକ ଦଳ ---- ହାସଲ କରିବା ପାଇଁ ଆବିଷ୍କାର ନିୟୋଜିତ କରୁଥିଲେ ।

(1) ଲୋକପ୍ରିୟ କରିବା ପାଇଁ

(2) ମଜଭୁତ ବିସ୍ତାର କରିବା ପାଇଁ

(3) ଶାନ୍ତି କରିବା ପାଇଁ

(4) ଶିକ୍ଷା ବିସ୍ତାର କରିବା ପାଇଁ

15. ବିଜ୍ଞାନର ନିମ୍ନଲିଖିତଗୁଡିକରୁ କେଉଁଟି ଆବଶ୍ୟକ କରେ

(1) ଅର୍ଥ ଏବଂ କ୍ଷମତା

(2) ଚିନ୍ତାଧାରା ଏବଂ ଅର୍ଥ

(3) ପର୍ଯ୍ୟବେକ୍ଷଣ ଏବଂ ପରୀକ୍ଷା

(4) ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ

16. "ଟୋଟେମ୍" ହେଉଛି ଏକ -----

(1) ଖାଦ୍ୟ (2) ଡ୍ରେସ୍ କୋଡ୍

(3) ପର୍ବପର୍ବାଣୀ (4) ଆଦିବାସୀ

17. ପ୍ରାଚୀନକାଳରେ ----- ମାନବସମାଜ ତିଷ୍ଠି ରହିବାର ମୁଖ୍ୟ କାରଣ ଥିଲା

(1) କୃଷି ଏବଂ ଶିକାର (2) ଜଙ୍ଗଲ କାଟିବା ଏବଂ ମାଛ ମାରିବା

(3) ମାଛ ମାରିବା ଏବଂ ବୁଲିବା (4) ଖାଦ୍ୟ ସଂଗ୍ରହ ଏବଂ ଶିକାର କରିବା

18. ପ୍ରାୟ 7,00,000 ବର୍ଷ ପୂର୍ବରୁ ପ୍ରାଚୀନ ମାନବ କଣ ବ୍ୟବହାର କରୁଥିଲା

(1) ବ୍ଲେଡ୍ (2) ଚୋପର୍

(3) କଇଁଚି (4) କଟର୍

19. ମେସୋପଟାମିଆଁ ର ବର୍ତ୍ତମାନର ଭୌଗୋଳିକ ସ୍ଥାନ କେଉଁଟି :-

(1) ଇରାକ୍ (2) ଭାରତ

(3) ଆଫ୍ରିକା (4) ଚୀନ୍

20. BMR ବିଷୟରେ ନିମ୍ନଲିଖିତ ମଧ୍ୟରୁ କେଉଁଟି ସଠିକ୍

(i) ପୁରୁଷ > ମହିଳା

(ii) ଶିଶୁ > କିଶୋର

(iii) ଥଣ୍ଡା ଜଳବାୟୁ > ଗରମ ଜଳବାୟୁ

**କୋଡ୍ :**

(1) (i) କେବଳ (2) (ii) କେବଳ

(3) (ii) ଏବଂ (iii) (4) ସମସ୍ତ (i), (ii) and (iii)

21. ------ ର ମୌଳିକ ତତ୍ତ୍ୱ ଉପରେ ଅଳଙ୍କାର ପ୍ରସ୍ତୁତି କଳା ଆଧାରିତ ଅଟେ ।

(1) ଜୈବ ବିଜ୍ଞାନ (2) ଭୌତିକ ବିଜ୍ଞାନ

(3) ରସାୟନ ବିଜ୍ଞାନ (4) ଗଣିତ

22. ------ ସୂତ୍ର ଅନୁସାରେ '2' ର ବର୍ଗମୂଳ ହେଉଛି 1.4142156।

(1) ଚରକ (2) ସୁଲଭା

(3) ବୋଧି (4) ବିଶ୍ୱ

23. ଯଜୁର୍ବୈଦିକ ସମୟ କାଳ ------- ମଧ୍ୟରେ ତିନି ଶତାବ୍ଦୀ ଧରି ରହିଥିଲା ।

(1) 700 B.C. ରୁ 400 B.C. (2) 1100 B.C. ରୁ 800 B.C.

(3) 600 B.C. ରୁ 300 B.C. (4) 800 B.C. ରୁ 500 B.C.

24. ବାଇଗଣୀ ରଙ୍ଗରେ ରଙ୍ଗୀତ ମାଟିମାତ୍ରର ବିସ୍ତାର ଆର୍ଯ୍ୟମାନଙ୍କର ଯାତାୟତ କାହା ତାରିପଟରେ ଦର୍ଶାଏ :

(1) ଯମୁନା (2) ନୀଳ

(3) ଗଙ୍ଗା (4) ଗୋଦାବରୀ

25. ସମାଜରେ ଜାତି ପ୍ରଥା ----- ଯୁଗରେ ସୃଷ୍ଟି ହୋଇଥିଲା ।

(1) ଆଇରନ୍ (2) ବ୍ରୋଞ୍ଜ୍

(3) ମେସୋପଟାମିଆଁ (4) ପ୍ରସ୍ତର

26. ଯେମିତି ଋକ୍ ବେଦରେ "ମୂଳ" କହିଲେ "ରୁଟ୍", ସେମିତି ------ କହିଲେ "ତୁଳ"

(1) ବାର୍କ୍ (2) ଷ୍ଟେମ୍

(3) ସୁଟ୍ (4) ଟ୍ୱିଗ୍

27. "ସୁଶ୍ରୁତ ସଂହିତା" କଣ ବର୍ଣ୍ଣନା କରେ :-

(1) ହର୍ବଲ୍ ମେଡିସିନ୍ (2) ସର୍ଜିକାଲ୍ ଟେକ୍ସ୍ଟ

(3) ରୋଗ ନିର୍ଣ୍ଣୟ ପ୍ରକ୍ରିୟା (4) ଚିକିତ୍ସା ପ୍ରଣାଳୀ

28. ଆୟୁର୍ବେଦରେ "ତ୍ରିଦୋଷ" କହିଲେ ------- ବୁଝାଏ

(1) ଜଳ - କଫ -ପିତ୍ତ (2) ବାୟୁ - ପିତ୍ତ - କଫ

(3) ଆକାଶ - ପିତ୍ତ - କଫ (4) ଅଗ୍ନି - ପିତ୍ତ - କଫ

29. ------- ଜଣେ ଗ୍ରୀକ୍ ଗଣିଥିଲେ ଯେ କି ସୂର୍ଯ୍ୟ, ଚନ୍ଦ୍ର ଏବଂ ଗ୍ରହ କିପରି ଗତି କରନ୍ତି ସେ ବିଷୟରେ ବୁଝାଇଥିଲେ ।

(1) ପିଥାଗୋରସ୍ (2) ୟୁଡୋକ୍ସସ୍

(3) ହିପାରଚସ୍ (4) ଆରିଷ୍ଟଟଲ୍

30. ଅର୍ଥଶାସ୍ତ୍ର କିଏ ଲେଖିଥିଲେ ?

(1) ଚନ୍ଦ୍ରଗୁପ୍ତ (2) ଅଶୋକ

(3) କୌଟିଲ୍ୟ (4) କ୍ରିଷ୍ଣଦେବରାୟ

31. କେଉଁ ଶାସନ କାଳର ଭାରତୀୟ ସାମ୍ରାଜ୍ୟ ବିଜ୍ଞାନ ପାଇଁ ସୁବର୍ଣ୍ଣ ଯୁଗ ଭାବରେ ବିଚାର କରାଯାଏ ?

(1) ଗୁପ୍ତ (2) ମୌର୍ଯ୍ୟ

(3) ମୋଗଲ (4) ଅଶୋକ

32. ବ୍ରହ୍ମଗୁପ୍ତ, ବରାହମିହିର ଏବଂ ------ ଜ୍ୟୋର୍ତିବିଜ୍ଞାନୀ ଏବଂ ଗଣିତଜ୍ଞ ଭାବରେ ଜଣାଶୁଣା ଥିଲେ ।

(1) ଚନ୍ଦ୍ରଗୁପ୍ତ

(2) ଆର୍ଯ୍ୟଭଟ୍ଟ

(3) ମୌର୍ଯ୍ୟ

(4) ଅଶୋକ

33. ଭଗବତୀ ସୂତ୍ର ----- ଦ୍ୱାରା ପ୍ରସାର କରାଯାଇଥିଲା

(1) ଜୈନ

(2) ମୌର୍ଯ୍ୟ

(3) ଗୁପ୍ତ

(4) ପେରିଆର୍

34. ଆଧୁନିକ ଗଣିତ ସୂତ୍ରରେ ବିଭାଜନ $(\div)$ କୁ ପ୍ରାଚୀନ ଗଣିତ ସୂତ୍ରରେ କଣ କୁହାଯାଉଥିଲା ।

(1) ଗୁଣ

(2) ଭାଗ

(3) ବର୍ଗ

(4) ଘନ

35. କିଏ ଲୋକପ୍ରିୟ ମତବାଦକୁ ପ୍ରତ୍ୟାଖ୍ୟାନ କରିଥିଲେ ଯେ , ଗ୍ରହଣ ରାହୁ ଏବଂ କେତୁଙ୍କ କାରଣରୁ ହୋଇଥାଏ ?

(1) ବରାହମିହିର

(2) ଆର୍ଯ୍ୟଭଟ୍ଟ

(3) ବ୍ରହ୍ମଗୁପ୍ତ

(4) ସିଦ୍ଧାର୍ଥ

36. ----- ଆକ୍ରମଣ ଦ୍ୱାରା ଗୁପ୍ତ ସାମ୍ରାଜ୍ୟ ଦୁର୍ବଳ ହୋଇ ପଡିଥିଲା ।

(1) କୁର୍ଦ୍

(2) ମୋଗଲ୍

(3) ହୁନା

(4) ତୁର୍କ

37. ପ୍ରସିଦ୍ଧ ଜ୍ୟୋତିର୍ବିଜ୍ଞାନୀ ଗାଣିତିକ ପୁସ୍ତକ "ସିଦ୍ଧାନ୍ତ ସିରୋମଣି" କିଏ ଲେଖିଥିଲେ ?

(1) କୌଟିଲ୍ୟ (2) ସିଦ୍ଧାନ୍ତ

(3) ଭାସ୍କର- II (4) ଚାଲୁକ୍ୟ

38. ----- ବର୍ଷ ଶିଳ୍ପ ନୀତି ଏବଂ ବୈଜ୍ଞାନିକ ନୀତି ସମ୍ବନ୍ଧୀୟ ସଂକଳ୍ପ ପ୍ରସ୍ତୁତ କରାଯାଇଥିଲା ।

(1) 1948 (2) 1958

(3) 1968 (4) 1978

39. ------- ମଧ୍ୟରେ ଆଣବିକ ବୋମା ଉଦ୍ଭାବନ କରାଯାଇଥିଲା ।

(1) 1939—1945 (2) 1929—1935

(3) 1949—1955 (4) 1959—1965

40. ------ ରେ ପ୍ରଥମ ଧାଡି ହେଉଛି "ରାଜନୈତିକ ସ୍ୱାଧିନତା ଯୋଗୁଁ ଆର୍ଥିକ ସ୍ୱାଧିନତା ଏବଂ ଦାରିଦ୍ର୍ୟ ଭାର କମ୍ ହେବା ଉଚିତ୍ "।

(1) ବ୍ୟବସାୟ ନୀତି (2) ପ୍ରବନ୍ଧିବିଜ୍ଞାନ ନୀତି

(3) କୃଷି ନୀତି (4) ବାଣିଜ୍ୟ ନୀତି

41. ------- ହେଉଛି ଏକ ସିଧାସଳଖ ଶବ୍ଦାବଳୀ ଯାହାକୁ କାର୍ଯ୍ୟ କ୍ଷେତ୍ରରେ ପ୍ରୟୋଗ କଲେ ବୁଝାଏ ଯେ, ଆମର ଦକ୍ଷତା ମଜଭୁତ କରିବା ପାଇଁ ଗବେଷଣା ଯୋଜନା ଆୟୋଜନ ଶିକ୍ଷା ଏବଂ ପରିଚାଳନା କରିବାକୁ ବୁଝାଏ ।

(1) ସେଲ୍ଫ୍-ସଷ୍ଟେନ୍ (2) ସେଲ୍ଫ୍-ଡିପେଣ୍ଡେଣ୍ଟ୍

(3) ସେଲ୍ଫ୍-ରେଲିଆନ୍ସ୍ (4) ସେଲ୍ଫ୍-ରେସିଲିଏନ୍ସ୍

42. ତିନୋଟି ପ୍ରଣାଳୀ ରହିଛି ଯାହା ଦ୍ୱାରା ଆମେ ପ୍ରବଧି ବିଜ୍ଞାନ ସ୍ଥାନାନ୍ତରଣ କରିପାଇବା :ସେଗୁଡିକ ହେଲା :ରପ୍ତାନୀ, ଲ୍ୟାବ୍ ରୁ ଫିଲ୍ଡ, ଏବଂ -----

(1) ପ୍ରବଧି ବିଜ୍ଞାନ କ୍ରୟ

(2) ପ୍ରବଧି ବିଜ୍ଞାନ ରପ୍ତାନୀ

(3) ପ୍ରବଧି ବିଜ୍ଞାନ ବିକାଶ

(4) ପ୍ରବଧି ବିଜ୍ଞାନ ଅନୁସନ୍ଧାନ

43. ----- ପ୍ରୋଜେକ୍ଟ୍ ର ଏକ ଅଂଶ ହେଉଛି ଗ୍ରାମୀଣ ମହିଳାମାନଙ୍କୁ ଅମଳ ପରବର୍ତ୍ତୀ ଏବଂ ଖାଦ୍ୟ ପ୍ରବଧି ବିଜ୍ଞାନ ଶିକ୍ଷା ଦେବା ।

(1) କୃଷି ବିଜ୍ଞାନ କେନ୍ଦ୍ର

(2) ଜନ ବିଜ୍ଞାନ କେନ୍ଦ୍ର

(3) ସମଗ୍ର ବିଜ୍ଞାନ କେନ୍ଦ୍ର

(4) ବେଟି ବଚାଓ, ବେଟି ପଢାଓ

44. ଭାରତରେ ଆଞ୍ଚଳିକ ଗବେଷଣାଗାରଗୁଡିକ କାହା ଦ୍ୱାରା ପରିଚାଳିତ:

(1) DST

(2) DBT

(3) CSIR

(4) AYUSH

45. ପ୍ରଥମ ପରମାଣୁ ଶକ୍ତି କେନ୍ଦ୍ର ମାଡ୍ରାସ୍ ନିକଟରେ କେଉଁଠାରେ ନିର୍ମିତ ହୋଇଥିଲା :-

(1) କାଞ୍ଚିପୁରମ୍

(2) କଳାପକ୍କମ୍

(3) ରାମେଶ୍ୱରମ୍

(4) ମହାବଳୀପୁରମ୍

46. ଆମ ଦେଶର ------ ସମ୍ବଳ ସର୍ଭେ କରିବା ପାଇଁ IRS-2D ଉପଗ୍ରହ ଉତ୍କ୍ଷେପଣ କରାଯାଇଛି ।

(1) ଜନସଂଖ୍ୟା (2) ପ୍ରକୃତ

(3) ପ୍ରାଣୀ (4) ସ୍ମାରକ

47. INSAT ଯେ କି ଉପଗ୍ରହମାନଙ୍କର ସାରଣୀ, କାହାକୁ ନେଇ ଗଠିତ :

(1) ମହାକାଶ ଯାନ (2) ଜିଓଷ୍ଟେସ୍‌ନାରୀ

(3) ଉଭୟ (1) ଏବଂ (2) (4) କକ୍ଷପଥ

48. ଏକ ବୃହତ୍ତର ନ୍ୟୁକ୍ଲିଅସ୍ ରୁ ଦୁଇଟି କ୍ଷୁଦ୍ର ନ୍ୟୁକ୍ଲିଅସ୍‌ରେ ବିଭକ୍ତ ହେବାକୁ କଣ କୁହାଯାଏ :-

(1) ନ୍ୟୁକ୍ଲିଅର୍ ଫିଜନ୍ (2) ନ୍ୟୁକ୍ଲିଅର୍ ଫ୍ୟୁଜନ

(3) ବିଗ୍-ବାଙ୍ଗ୍ (4) ନ୍ୟୁକ୍ଲିଅର୍ ଡିସ୍‌କସନ୍

49. ଆମେରିକା "ଲିଟିଲ୍ ବଏ" ଏବଂ ଫ୍ୟାଟ୍ ମ୍ୟାନ୍ "ନାମକ" ଦୁଇଟି ଆଣବିକ ବୋମା -------ର ହିରୋସୀମା ଏବଂ ନାଗାସାକି ସହରରେ ପକାଇଥିଲା ।

(1) ଦକ୍ଷିଣ କୋରିଆ (2) ଜାପାନ

(3) ଚୀନ୍ (4) ହଙ୍ଗ୍ କଙ୍ଗ୍

50. ଜିନ୍ କ୍ଲୋନିଙ୍ଗ୍‌ରେ ବ୍ୟବହୃତ ହେଉଥିବା ସାର୍କୁଲାର୍ DNA ମୋଲେକ୍ୟୁଲ୍‌କୁ ------ କୁହାଯାଏ ।

(1) ପ୍ଲାଷ୍ଟିଡ୍ (2) ଲାଇଜୋସୋମ୍

(3) ପ୍ଲାଜ୍‌ମିଡ୍ (4) ବ୍ୟାକ୍‌ଟେରିଓଫେଜ୍

51. ଗୋଟିଏ ଚିପ୍‌ରେ ଅନେକ ------ କୁ ନେଇ ଇଣ୍ଟିଗ୍ରେଟେଡ୍ ସାର୍କିଟ୍ (IC) ପ୍ରସ୍ତୁତ ହୋଇଥାଏ ।

(1) ଡିଓଡ୍ (2) ସେମିକଣ୍ଡକ୍ଟର

(3) ସାର୍କିଟ୍ (4) କଣ୍ଡକ୍ଟର

52. ଡିଭାଇସ୍ ଯାହାକି *n-p-n* କିମ୍ବା *p-n-p* ର ସେମିକଣ୍ଡକ୍ଟର ମିଶ୍ରଣ ବ୍ୟବହାର କରେ ତାହାକୁ କଣ କୁହାଯାଏ

(1) ଟ୍ରାଞ୍ଜିଷ୍ଟର୍ (2) ବ୍ୟାଟେରୀ

(3) CPU (4) ଜଙ୍କସନ୍ ଡିଓଡ୍

53. "ସ୍ୱତଃପ୍ରୋତ ପ୍ରତିକ୍ରିୟା" ର ଉପଯୁକ୍ତ ପ୍ରତିକ୍ରିୟା ଚୟନ କରନ୍ତୁ ।

(1) ସେଗୁଡିକ ଜନ୍ମଗତ ଶିକ୍ଷା ଦ୍ୱାରା ପ୍ରାପ୍ତ ହୋଇପାରେ ନାହିଁ

(2) ସେଗୁଡିକ ଶିକ୍ଷା ଦ୍ୱାରା ପ୍ରାପ୍ତ ହୋଇପାରେ ଜନ୍ମଗତ ନୁହେଁ

(3) ସେଗୁଡିକ ନିୟନ୍ତ୍ରଣାଧିନ

(4) ସେଗୁଡିକ ସହଜରେ ଭୁଲି ହୋଇଯାଏ ।

54. କଂପ୍ୟୁଟର ପ୍ରୋଗ୍ରାମ୍ କେଉଁ ସମସ୍ତର ଏକ ସମାହାର :

(1) କମାଣ୍ଡ୍ (2) ଇନ୍‌ଷ୍ଟ୍ରକ୍‌ସନ୍

(3) ମେଥୋଡ୍ (4) ଲାଙ୍ଗୁଏଜ୍

55. ଔଷଧିକରଣ -------, ଯାହାକି *ରାଉଓଲ୍‌ଫିଆ ସର୍ପେଣ୍ଟାଇନା* ନାମକ ଉଦ୍ଭିଦରୁ ଉଦ୍ଧୃତ, ଉଚ୍ଚ ରକ୍ତଚାପ ଚିକିତ୍ସା ପାଇଁ ବ୍ୟବହାର କରାଯାଇଥାଏ ।

(1) ୟୁଜିନୋଲ୍ (2) ସର୍ପାସିଲ୍

(3) ଭିନ୍‌କ୍ରିଷ୍ଟାଇନ୍ (4) ମାଇରିଷ୍ଟିସିନ୍

56. ଭିଲାଇ ---- ଶିଳ୍ପ ପାଇଁ ପ୍ରସିଦ୍ଧ ।

(1) ଜୁଟ୍ (2) ଡାଇମଣ୍ଡ

(3) ଷ୍ଟିଲ୍ (4) ରବର

57. 'DPT' ଭେସିନେସନ୍‌ର ବିସ୍ତାରଣ ହେଉଛି :

(1) ଡାଇବେଟିସ୍ - ପୋଲିଓ - ଟାଇଫଏଡ୍ (2) ଡିପ୍‌ଥେରିଆ - ପର୍ଟୁସିସ୍ - ଟାଇଫଏଡ୍

(3) ଡେଙ୍ଗୁ - ପୋଲିଓ - ଟିବରକୁଲୋସିସ୍ (4) ଡେଙ୍ଗୁ - ପର୍ଟୁସିସ୍ - ଟାଇଫଏଡ୍

58. ------ ହେଉଛି ଲେଜର ଲାଇଟ୍‌ର ଲକ୍ଷଣଗତ ବିଶେଷତା

(1) କଣ୍ଡକ୍‌ଟିଭିଟି (2) ପେନେଟ୍ରେସନ୍

(3) କୋହେରାନ୍‌ସ୍ (4) ଅବଜର୍‌ବାନ୍‌ସ୍

59. ------- ରୁ ଇନ୍‌ସୁଲିନ୍ ନିର୍ଗତ ହୋଇଥାଏ ।

(1) ଯକୃତ (2) ଥାଇରଡ

(3) ପିଟୁଇଟାରୀ (4) ପାନ୍‌କ୍ରିଆଜ୍

60. ପ୍ରବଧି ବିଜ୍ଞାନର ------ ପରିସର ଭିତରେ ଇଲେକ୍‌ଟ୍ରିକ୍ ସିଗ୍‌ନାଲ୍‌ଗୁଡିକ୍ ଗ୍ଲାସ୍ ଫାଇବର ମଧ୍ୟ ଦେଇ ପ୍ରେରଣ କରାଯାଇଥାଏ ।

(1) Wi-Fi (2) ଫାଇବର୍ ଅପ୍‌ଟିକ୍‌ସ୍

(3) ଲେଜର (4) ସୋଲାର୍

61. ଆଭ୍ୟନ୍ତରୀୟ ଅଙ୍ଗ ଦେଖିବା ପାଇଁ ନିମ୍ନଲିଖିତ ମଧ୍ୟରୁ କେଉଁଟି ହେଉଛି ଏକ ଉପକରଣ :

(1) ଇଣ୍ଡୋକ୍‌ସ୍କୋପ୍ (2) MRI ସ୍କାନିଂ

(3) ECG (4) ଡୋପ୍‌ଲର୍

62. ------ ର ଚାରି ଉପଦାନ ହେଉଛି ମେମୋରୀ, ରିଜିନିଙ୍ଗ୍, ଆନାଲିସିସ୍ ଏବଂ ସିନ୍ଥେସିସ୍

(1) ସୃଜନଶୀଳତା (2) ବୁଦ୍ଧିମତ୍ତା

(3) ଶିକ୍ଷଣ (4) ଆକ୍ରମଣାତ୍ମକ ବ୍ୟବହାର

63. ଚନ୍ଦ୍ରରେ ପ୍ରଥମ ଥର ପାଇଁ ପାଦ ଦେଇଥିବା ନିଲ୍ ଆର୍ମଷ୍ଟ୍ରଙ୍ଗ୍ ------- ମହାକାଶଯାନର କ୍ରିଉ ସଦସ୍ୟ ଥିଲେ ।

(1) PSIV II (2) ଆପୋଲୋ 11

(3) INSAT (4) ଆପୋଲୋ 13

64. କଂପ୍ୟୁଟରରେ ବ୍ୟବହୃତ ହେଉଥିବା ଭାଷାଗୁଡିକ ହେଉଛି

(1) COBOL (2) PYMOL

(3) PASCAL (4) ଉଭୟ (1) ଏବଂ (3)

65. 'CAD' ର ବିସ୍ତାରଣ ହେଉଛି କଂପ୍ୟୁଟର-ଏଡେଡ୍ -----

(1) ଡ୍ରାଫ୍ଟ୍ (2) ଡିଜାଇନ୍

(3) ଡିକୋଡ୍ (4) ଡେକୋରେସନ୍

66. "ଆଲଏ" ହେଉଛି କାହାର ମିଶ୍ରଣ

(1) ଲୁଣ (2) ଧାତୁ

(3) କଲର୍ (4) ମିନେରାଲ୍

67. ନିମ୍ନଲିଖିତ ସମୀକରଣର ଉତ୍ପାଦ କଣ ?

$$CO_2 + H_2O \xrightarrow[\text{Chlorophyll}]{\text{Sunlight}}$$

(1) $H^+$ (2) $C_6H_{12}O_6$

(3) $O_2$ (4) ଉଭୟ (2) ଏବଂ (3)

68. ------ ହେଉଛି ଏକ ଜୀବ ଯେ କି ମୃତ ଉଭିଦ ପ୍ରାଣୀ ଉପରେ ନିର୍ଭର କରି ବଞ୍ଚିରହିଥାଏ ।

(1) ଉପଭୋକ୍ତା (2) ଉତ୍ପାଦକ

(3) ଅପଘଟକ (4) ତୃଣଭୋଜୀ

69. ଇଗଲ୍ସ୍ ଏବଂ ଡ୍ରାଗନ୍ ଫ୍ଲାଇ ----- ର ଉଦାହରଣ

(1) ମାଂସଭୋଜୀ (2) ତୃଣଭୋଜୀ

(3) ସର୍ବଭକ୍ଷ (4) ଉଭୟ (2) ଏବଂ (3)

70. ଜଙ୍ଗଲରେ ଉପଲବ୍ଧ ହେଉଥିବା ଖାଦ୍ୟ ସାରଣୀରେ, ମୁଖ୍ୟ ଉତ୍ପାଦକ ହେଉଛନ୍ତି :

(1) ସିଂହ
(2) ଠେକୁଆ
(3) ସବୁଜ ଉଦ୍ଭିଦ
(4) ହରିଣ

71. ଶିମ୍ବ ଜାତୀୟ ଉଦ୍ଭିଦର ମୂଳ ନୋଡ୍ୟୁଲ୍ସ୍‌ରେ ମାଇକ୍ରୋବ୍ ରହିଥାଏ ତାହା କେଉଁଥି ପାଇଁ ସହାୟକ ହୋଇଥାଏ :

(1) $CO_2$ ଅବଶୋଷଣ
(2) $H_2O$ ଅବଶୋଷଣ
(3) $N_2$ ସ୍ଥିରୀକରଣ
(4) NaCl ବିଘଟନ

72. ପ୍ରଭାବଶାଳୀ ମହମ୍ମଦ ଶାହାଙ୍କ ସହାୟତାରେ କିଏ ଦିଲ୍ଲୀ, ଜୟପୁର, ଉଜ୍ଜୟିନ୍ ଏବଂ ବନାରସ୍ ରେ ଅବଜରଭେଟୋରୀ ସ୍ଥାପନ କରିଥିଲେ ?

(1) ମାନ ସିଂ
(2) ରାଜା ଜୟ ସିଂ
(3) ଅବଦୁଲ୍ ଫଜଲ୍
(4) ଜାହାଙ୍ଗୀର

73. 'SITE' ର ଉପଯୁକ୍ତ ବିସ୍ତାରଣ କଣ ଚୟନ କର :

(1) ସେଟ୍‌ଲାଇଟ୍ ଇନ୍‌ଷ୍ଟ୍ରକ୍ସନାଲ୍ ଟେଲିଭିଜନ୍ ଏଜୁକେସନ୍
(2) ସେଟ୍‌ଲାଇଟ୍ ଇଣ୍ଡିଆ ଟେଲିଭିଜନ୍ ଏଜୁକେସନ୍
(3) ସେଟ୍‌ଲାଇଟ୍ ଇନ୍‌ଷ୍ଟ୍ରକ୍ସନାଲ୍ ଟେଲିଭିଜନ୍ ଏକ୍ସପେରିମେଣ୍ଟ୍
(4) ସେଟ୍‌ଲାଇଟ୍ ଇଣ୍ଡିଭିଜୁଆଲ୍ ଟେଲିଭିଜନ୍ ଏଜୁକେସନ୍

74. 1ମ ଶତାବ୍ଦୀ A.D ରେ କିଏ ପେପର ଉଦ୍ଭାବନ କରିଥିଲେ ?

(1) ମୋଗଲ୍
(2) ଚାଇନିଜ୍
(3) ୟୁରୋପିଆନ୍
(4) ଗ୍ରୀକ୍

75. ଗୁରୁତ୍ୱପୂର୍ଣ୍ଣ ଉପକରଣର ନାମ ଲେଖନ୍ତୁ ଯାହାକି ୟୁରୋପରେ 15 ତମ ଶତାବ୍ଦୀର ମଧ୍ୟ ଭାଗରେ ପ୍ରଥମ ଥର ପାଇଁ ବ୍ୟବହାର ହୋଇଥିଲା ଏବଂ ପ୍ରେସିସନ୍ ଉପକରଣ ଉତ୍ପାଦନରେ ଅନେକ ଉପଯୋଗ ସମ୍ଭାବନା ଥିଲା :-

(1) ସ୍ପାନର୍
(2) କଣ୍ଟା
(3) ମେଟାଲ୍ ସ୍କ୍ରୁ
(4) ହାମର

76. ବସ୍ତୁର ସ୍ଥିତି ସ୍ଥାପକତା ଲକ୍ଷଣଜନିତ ନିୟମ କିଏ ବାହାର କରିଥିଲେ ?

(1) ରୋବର୍ଟ୍ ବଏଲ୍ (2) ଗାଲିଲିଓ ଗାଲିଲେଇ

(3) ଆଇଜାକ୍ ନିଉଟନ୍ (4) ଜନ୍ ନାପିଅର୍

77. ପୃଥିବୀ ଏବଂ ଅନ୍ୟ ଗ୍ରହ ମାନଙ୍କର ଆବର୍ତ୍ତନ ପାଇଁ ଏକ ବିସ୍ତାର ଏବଂ ସ୍ପଷ୍ଟ ବର୍ଣ୍ଣନା ------ ଙ୍କ କାର୍ଯ୍ୟରେ ଦେଖିବାକୁ ମିଳିଥାଏ ।

(1) ନିକୋଲାସ୍ କୋପରନିକସ୍ (2) ଗାଲିଲିଓ ଗାଲିଲେଇ

(3) ଆଇଜାକ୍ ନିଉଟନ୍ (4) ୟୁଲିଅମ୍ ହାର୍ଭେ

78. ଉତ୍ତମ ଦୃଷ୍ଟିଶକ୍ତ ପାଇଁ ନିମ୍ନଲିଖିତ ମଧ୍ୟରୁ କେଉଁ ଭିଟାମିନ୍ ଆବଶ୍ୟକ ହୋଇଥାଏ ?

(1) ଭିଟାମିନ୍ B କଂପ୍ଲେକ୍ସ (2) ଭିଟାମିନ୍ E

(3) ଭିଟାମିନ୍ K (4) ଭିଟାମିନ୍ A

79. ------ ରେ ଗ୍ଲାସ୍ ୱେୟାର ମଧ୍ୟ ଦେଇ ଆଲୋକ ତରଙ୍ଗ ସଞ୍ଚାରିତ ହୋଇଥାଏ ଯାହାକି ମନୁଷ୍ୟର କେଶ ଭଳି ପତଳା ଜଣାପଡେ ।

(1) ଫାଇବର ଅପ୍‌ଟିକ୍ସ୍ (2) ଫାଇବର ଗ୍ଲାସ୍

(3) ଲେଜର (4) ମାଇକ୍ରୋୱେଭ୍

80. -------ହେଉଛି ଏକ ଅଧ୍ୟୟନ ଯାହାକି ବ୍ୟକ୍ତି ବିଶେଷଙ୍କର କାର୍ଯ୍ୟ ବାତାବରଣ ଭିତରେ ତାଙ୍କର ପ୍ରଭାବଶୀଳତା ଦର୍ଶାଇଥାଏ ।

(1) ଇର୍ଗୋନୋମିକ୍ସ୍ (2) ପ୍ରୋଟେଓମିକ୍ସ୍

(3) ଇକୋନୋମିକ୍ସ୍ (4) ଜିନୋମିକ୍ସ୍

81. ଗ୍ୟାଲାକ୍ସି ବର୍ଣ୍ଣନା କରିବା ପାଇଁ ଉପଯୁକ୍ତ ବିକଳ୍ପ ଚୟନ କର :

(1) ଗ୍ରହ ଏବଂ ନକ୍ଷତ୍ରମଣ୍ଡଳର ସମାହାର

(2) ସୌରମଣ୍ଡଳ ଏବଂ ନକ୍ଷତ୍ରର ସମାହାର

(3) ତାରା, ଗ୍ୟାସ ଏବଂ ଧୂଳିଯୁକ୍ତ ବାଦଲର ସମାହାର

(4) ସୌରମଣ୍ଡଳ, ଗ୍ୟାସ ଏବଂ ଧୂଳିଯୁକ୍ତ ବାଦଲର ସମାହାର

82. "ଆକଷ୍ଟିକ୍" ରେ ଆମେ କଣ ଅଧ୍ୟୟନ କରୁ :

(1) ଆଲୋକ (2) ବାତ୍ୟା

(3) ଶବ୍ଦ (4) ତରଙ୍ଗ

83. HIV/AIDS ହେଉଛି ଏକ ------

(1) ବ୍ୟାକ୍ଟେରିଆଜନିତ ସଂକ୍ରମଣ (2) ପ୍ରୋଟୋଜୋଆଜନିତ ସଂକ୍ରମଣ

(3) ଭୂତାଣୁଜନିତ ସଂକ୍ରମଣ (4) କବକଜନିତ ସଂକ୍ରମଣ

84. କାଲ୍‌ସିୟମ୍ ଅବଶୋଷଣରେ କେଉଁ ଭିଟାମିନ୍ ସହାୟକ ହୋଇଥାଏ ?

(1) ଭିଟାମିନ୍ B କଂପ୍ଲେକ୍ସ୍ (2) ଭିଟାମିନ୍ K

(3) ଭିଟାମିନ୍ E (4) ଭିଟାମିନ୍ D

85. ଅଧିକ କାର୍ଯ୍ୟଦକ୍ଷତା ବିଶିଷ୍ଟ ଶ୍ରମିକମାନେ ଉତ୍ତମ ସୁଯୋଗ ଆର୍ଥିକ ରୋଜଗାର ଏବଂ ନିଯୁକ୍ତି ଅନ୍ୱେଷଣରେ କମ୍ ବିକଶିତ ଦେଶରୁ ଉତ୍ତମ ବିକଶିତ ଦେଶକୁ ଚାଲିଯିବା ଘଟଣାବଳୀକୁ କଣ କୁହାଯାଏ :

(1) ଇମିଗ୍ରେସନ୍ (2) ବ୍ରେନ୍‌ଡ୍ରେନ୍

(3) ମନି ଲେଣ୍ଡରିଙ୍ଗ୍ (4) ହ୍ୟୁମାନ୍ ମୁଭମେଣ୍ଟ୍

86. ଏକ ପ୍ରାଣୀ ଯେ କି ଟ୍ରୋଫିକ୍ ସ୍ତରରେ ଦେଖା ଦେଇଥାଏ ତାହାର ନାମ ହେଉଛି :-

(1) ମାଛ (2) କୀଟ

(3) ମୂଷା (4) ସାପ

87. କୋଳାହଳ ସ୍ତର ମାପ କରିବାର ଏକକ କଣ :-

(1) ମିଟର (2) ହର୍ଜ୍

(3) ଡେସିବେଲ୍ (4) କିମି/ସେକେଣ୍ଡ୍

88. ନୀଳ ନଦୀ ଉପତ୍ୟକା ଆଖପାଖ ଅଞ୍ଚଳରେ କେଉଁ ସଭ୍ୟତା ସୃଷ୍ଟି ହୋଇଥିଲା ?

(1) ଇନ୍ଦୁଜ୍ (2) ଇଜିପ୍ଟ୍

(3) ଚୀନ୍ (4) ମେସୋପଟାମିଆଁ

89. ଲୁହରେ------ଏଞ୍ଜିମ୍ ରହିଥାଏ ଯାହାକି ମାଇକ୍ରୋବ୍‌ଗୁଡିକୁ ମାରି ଦେଇଥାଏ ।

(1) ପେପ୍‌ସିନ୍ (2) ଆମିଲେଜ୍

(3) ଲିପେଜ୍ (4) ଲାଇସୋଜାଇମ୍

90. "ଗ୍ରୀନ୍ ହାଉସ୍ ପ୍ରଭାବ" ସମ୍ବନ୍ଧରେ କେଉଁ ମନ୍ତବ୍ୟ ସତ୍ୟ ଅଟେ ?

(1) ଭୂମି ଏବଂ ଜଳର ତାପମାତ୍ରା ହ୍ରାସ (2) ଭୂମି ଏବଂ ଜଳର ତାପମାତ୍ରା ବୃଦ୍ଧି

(3) ପରିବେଶୀୟ ଚାପ ବୃଦ୍ଧି (4) ତାପମାତ୍ରାରେ କୌଣସି ପରିବର୍ତ୍ତନ ନାହିଁ

91. ମାସ୍ କମ୍ୟୁନିକେସନ୍ ରେ ନିମ୍ନଲିଖିତ ମଧ୍ୟରୁ କେଉଁ ଉପକରଣ ବ୍ୟବହାର ହୁଏ ନାହିଁ ?

(1) ଟେଲିଫୋନ୍ (2) ଭିଡିଓ କନ୍‌ଫରେନ୍‌ସିଂ

(3) ନ୍ୟୁଜ୍‌ପେପର୍ (4) ରେଡିଓ

92. ପରିବେଶବିତ୍‌ମାନେ *ୟୁକାଲିପଟାସ୍* କୁ କାହିଁକି "ପରିବେଶୀୟ ଅନିଷ୍ଟକାରୀ ଉଦ୍ଭିଦ" କୁହନ୍ତି ?

(1) ଯେହେତୁ ଏହା ଉପରକୁ ବଢ଼ିଯାଇଥାଏ (2) ଏହା ସୁଗନ୍ଧିତ ତୈଳ ଉତ୍ପାଦନ କରେ

(3) ଅଧିକ ହାରରେ ଜଳ ଶୋଷଣ କରିଥାଏ (4) ଧିରେ ଧିରେ ବୃଦ୍ଧି ପାଏ

93. ଅଧ୍ୟୟନର ବିଷୟ ସଂପର୍କରେ ----- ହେଉଛି ଏକ ଦୃଢ଼ ସମର୍ଥନ ଯାହାକି ଉପଯୁକ୍ତ ଯୁକ୍ତି ଉପରେ ଆଧାରିତ ।

(1) ଫଳାଫଳ (2) ଲକ୍ଷ୍ୟ

(3) ଉଦ୍ଦେଶ୍ୟ (4) ହାଇପୋଥେସିସ୍

94. ଆଲୋକର ------- ଉପରେ ଅଧ୍ୟୟନ କରି ଅଧ୍ୟୟନ କରି ସି.ଭି. ରମଣ ନୋବେଲ୍ ପୁରସ୍କାର ପ୍ରାପ୍ତ କରିଥିଲେ ।

(1) ବିଚ୍ଛୁରଣ (2) ବିକ୍ଷେପଣ

(3) ପ୍ରତିଫଳନ (4) ଅଭିନିବେଶ

95. -------- ବ୍ୟବହାରିକ ବିସ୍ତାର ଯାହାକି ପରୋକ୍ଷରେ ଗଣନା ଏବଂ ହିସାବ କାର୍ଯ୍ୟଦକ୍ଷତା ବ୍ୟବହାରପୂର୍ବକ ଜ୍ୟୋତିର୍ବିଜ୍ଞାନ ସୃଷ୍ଟିରେ ସହାୟକ ହୋଇଥିଲା ।

(1) ଟାଇମ୍-ଟେବୁଲ୍ (2) ଆଟଲାସ୍

(3) କାଲ୍‌କୁଲେଟର (4) କ୍ୟାଲେଣ୍ଡର୍

96. ଭାସ୍କର -II ଙ୍କର "ସିଦ୍ଧାନ୍ତ ସିରୋମଣି" ପୁସ୍ତକରେ ----- ର ଚିନ୍ତାଧାରା ବ୍ୟାଖ୍ୟା କରାଯାଇଛି

(1) ରସାୟନ ବିଜ୍ଞାନ (2) ଗଣିତ

(3) ଭୌତିକ ବିଜ୍ଞାନ (4) ଭୂଗୋଳ

97. ଏକ ସେକେଣ୍ଡ୍‌ରେ ଆଲୋକର ଗତି ହେଉଛି :-

(1) $1.5 \times 10^5$ km (2) $2 \times 10^5$ km

(3) $3 \times 10^5$ km (4) $6 \times 10^5$ km

98. ରକେଟ୍ ଯାହାକି ମନୁଷ୍ୟ-ପ୍ରସ୍ତୁତି ଉପଗ୍ରହ ଅକ୍ଷପଥକୁ ପ୍ରେରଣ କରିବାକୁ ବ୍ୟବହାର କରାଯାଏ, ତାହାର ନାମ କଣ :

(1) ସ୍ପେସ୍‌କ୍ରାଫ୍ଟ୍ (2) ଜେଟ୍ ଫାଇଟର

(3) ପେଲୋଡ୍ ଏକ୍ସଜଷ୍ଟ୍ (4) ଲଞ୍ଚ୍ ଭେହିକିଲ୍

99. Wi-Fi ର ସଂପୂର୍ଣ୍ଣ ବିସ୍ତାରଣ କଣ

(1) ୱେୟାର୍‌ଲେସ୍ ଇଣ୍ଟରଫେସ୍ (2) ୱେୟାର୍‌ଲେସ୍ ଫିଡାଲିଟି

(3) ୱିଣ୍ଡ୍ ଫ୍ରିକ୍ୱେନ୍‌ସି (4) ୱେୟାର୍‌ଲେସ୍ ଇଣ୍ଟରନେଟ୍

100. ନିମ୍ନଲିଖିତ ମଧ୍ୟରୁ କେଉଁଟିକୁ ଆଉଟ୍‌ପୁଟ୍ ଡିଭାଇସ୍ କୁହାଯାଏ ?

(1) ସ୍ପିକର (2) ମାଇକ୍

(3) ସ୍କାନର୍ (4) ୱେବ୍‌କାମ୍

## Rough Work